# ନିତ୍ୟାନନ୍ଦ ମହାପାତ୍ର

ବାଲ୍ୟାବସ୍ଥାରୁ ଶ୍ରୀଯୁକ୍ତ ମହାପାତ୍ରଙ୍କର ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରକ୍ତି ରହି ଆସିଛି । ସେ କାଳର ବିଭିନ୍ନ ପତ୍ରପତ୍ରିକାମାନଙ୍କରେ ଯଥା ଝଙ୍କାର, ଦୈନିକ ଆଶା, କୁଙ୍କୁମରେ ତାଙ୍କର ଲେଖାମାନ ପ୍ରକାଶିତ ହୋଇଥିଲା । ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ଏବେ ମଧ୍ୟ ଉଦ୍‌ଜୀବିତ ଅଛି । ତାଙ୍କ ପୁସ୍ତକ -

**ତାମିଲ୍ ବେଦ ତିରୁକ୍କୁରଲ,** ମୂଳ ରଚନା: ତିରୁବଲ୍ଲୁର, ଅନୁବାଦ:ନିତ୍ୟାନନ୍ଦ ମହାପାତ୍ର

ପୃଷ୍ଠା- ୧୫୨,ପ୍ରକାଶକାଳ -୨୦୦୯, ମୂଲ୍ୟ: ୧୫୦.୦୦

'ତାମିଲ୍ ବେଦ ତିରୁକ୍କୁରଲ' - ତିରୁକ୍କୁରଲ ଗ୍ରନ୍ଥକୁ ଅନେକ ତାମିଲ ବିଦ୍ୱାନମାନେ ତାମିଲ୍ ବେଦ ବୋଲି ନାମିତ କରନ୍ତି । ଏହି ନାମଟି ମଧ୍ୟ ଲୋକପ୍ରିୟତା ଲାଭ କରିଛି ।

ଜୀବନର ଧର୍ମ, ନୀତି, ଆନନ୍ଦ, ଚରିତ୍ର ଓ ସମୃଦ୍ଧି ସଂପର୍କରେ ପ୍ରାୟ ୨୦୦୦ ବର୍ଷ ତଳେ ତିରୁବଲ୍ଲୁବରଙ୍କ ଦ୍ୱାରା ତାମିଲ୍‌ରେ ଲେଖା ଯାଇଥିବା ତିରୁକ୍କୁରଲ ଏବେ ବି ଆଧୁନିକ ଜୀବନ ପାଇଁ ଯଥେଷ୍ଟ ପ୍ରାସଙ୍ଗିକ । ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ରଙ୍କ ଦ୍ୱାରା ଓଡ଼ିଆ ଭାଷାରେ ଅନୁଦିତ ଏହି 'ତିରୁକ୍କୁରଲ' ଗ୍ରନ୍ଥ ମଣିଷର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ସହ ଏକ ବଳିଷ୍ଠ ଦିଗ୍‌ଦର୍ଶନ ଭାବରେ ଅତୁଳନୀୟ । ସବୁ କାଳରେ ସବୁ ମଣିଷଙ୍କ ପାଇଁ ଏହାର ଉପାଦେୟତା ରହିଛି । ଏହି ଗ୍ରନ୍ଥର ଅନୁଶୀଳନ ମଣିଷ ମନରେ ଗଭୀର ରେଖାପାତ କରେ । ଏହାର ଅନୁଶୀଳନ ବ୍ୟକ୍ତି ଓ ସମାଜ ଉଚ୍ଚତର ସୋପାନ ଲାଭ କରିବା ଅବଶ୍ୟମ୍ଭାବୀ । ଆଶାକରେ, ଏହି ଗ୍ରନ୍ଥଟି ଓଡ଼ିଆ ପାଠକ-ପାଠିକାଙ୍କର ଆଦର ଲାଭ କରିବ ।